# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା

## (ସ୍ୱତନ୍ତ୍ର ଭୂ-ଅର୍ଜନ ବିଭାଗ)

## ସର୍ବସାଧାରଣ ବିଜ୍ଞପ୍ତି

ସଂଖ୍ୟା: ୧୫୭ /  ତା: ୦୩.୧୧.୨୦୨୫

ଏତଦ୍ଦ୍ୱାରା ବଞ୍ଜାରୀ ଓ କୁଡାଲୋଇ ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ତା.୧୮.୧୦.୨୦୨୫ ରିଖ ରେ ଜାରି ହୋଇଥିବା ଏହି କାର୍ଯ୍ୟାଳୟ ବିଜ୍ଞପ୍ତି ସଂଖ୍ୟା ୧୩୮ ମତେ ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ତହସିଲ ଅନ୍ତର୍ଗତ ବଞ୍ଜାରୀ ଓ କୁଡାଲୋଇ ଗ୍ରାମରେ **"କୁଡାଲୋଇ (କ) ଉତ୍ତର କୋଇଲା ଖଣି ନିର୍ମାଣ ନିମନ୍ତେ"** ଭୂମି ଅଧିଗ୍ରହଣ ପାଇଁ ଓଡିଶା ରାଜ୍ୟ ସାମାଜିକ ପ୍ରଭାବ ଆକଳନ ସମ୍ବନ୍ଧୀୟ ଜନଶୁଣାଣି ନିମନ୍ତେ ସ୍ଥିରୀକୃତ ଦିବସ ଓ ସମୟର ପୁନର୍ନିର୍ଦ୍ଧାରଣ ପୂର୍ବକ, ଉକ୍ତ ଜନଶୁଣାଣି ନିମ୍ନ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବା ନିମନ୍ତେ ସ୍ଥିର କରାଯାଇଅଛି ।

| କ୍ର. ସ. | ତାରିଖ | ସମୟ | ଗ୍ରାମର ନାମ | ଜନଶୁଣାଣୀ ର ସ୍ଥାନ |
|---|---|---|---|---|
| ୧. | ୧୭.୧୧.୨୦୨୫ | ଦିବା ୧୧.୦୦ | ବଞ୍ଜାରୀ | ବଞ୍ଜାରୀ ଖେଳ ପଡିଆ |
| ୨. | | ଅପରାହ୍ନ ୩.୦୦ | କୁଡାଲୋଇ | କୁଡାଲୋଇ ବଜାର ଫିଲଡ |

ଏହି ଜନଶୁଣାଣି **ଅତିରିକ୍ତ-ଜିଲ୍ଲାପାଳ (ରାଜସ୍ୱ), ଝାରସୁଗୁଡା** ଙ୍କ ସଭାପତିତ୍ୱରେ ଆୟୋଜିତ ହେବ । ପ୍ରକଳ୍ପ ପ୍ରଭାବିତ ଗ୍ରାମବାସୀମାନେ ଉକ୍ତ ଜନଶୁଣାଣୀ ସଭାରେ ଉପସ୍ଥିତ ରହି ସାମାଜିକ ପ୍ରଭାବ ଉପରେ ନିଜ ନିଜର ମତାମତ ଉପସ୍ଥାପନା କରିପାରିବେ । ସାମାଜିକ ଆକଳନ ବିବରଣୀ (SIA Report) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ଲଖନପୁର, ବ୍ଲକ କାର୍ଯ୍ୟାଳୟ ଲଖନପୁର ଏବଂ ବଞ୍ଜାରୀ ଓ କୁଡାଲୋଇ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଜନସାଧାରଣଙ୍କ ଅବଗତି ଓ ଅନୁଶୀଳନ ନିମନ୍ତେ ଉପଲବ୍ଧ ଅଛି ।

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)
ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୧୫୮ /ତା: ୦୩.୧୧.୨୦୨୫

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ ଝାରସୁଗୁଡ଼ା, ପ୍ରକଳ୍ପ ନିର୍ଦ୍ଦେଶକ (ପୁନଃର୍ବାସ ଓ ଥଇଥାନ) ଝାରସୁଗୁଡ଼ା, ତହସିଲଦାର ଲଖନପୁର, ବିଡିଓ ଲଖନପୁର, ସରପଞ୍ଚ ବଞ୍ଜାରୀ ଓ କୁଡାଲୋଇ ଗ୍ରାମପଞ୍ଚାୟତଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଜନଶୁଣାଣୀ ସଭାରେ ଯୋଗଦେବା ପାଇଁ ଅନୁରୋଧ କରାଗଲା । ସରପଞ୍ଚ ବଞ୍ଜାରୀ ଓ କୁଡାଲୋଇଙ୍କୁ ସଂପୃକ୍ତ ଗ୍ରାମମାନଙ୍କରେ ଜନସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାରଣ ନିମନ୍ତେ ସୁବ୍ୟବସ୍ଥା କରିବା ପାଇଁ ମଧ୍ୟ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)
ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୧୫୯ /ତା: ୦୩.୧୧.୨୦୨୪

ଏହାର ଏକକିତା ନକଲ ସଂଯୋଜକ ସମନ୍ୱୟକାରୀ ସଂସ୍ଥା, ନବକୃଷ୍ଣ ଚୌଧୁରୀ ସେଣ୍ଟର୍ ଫର୍ ଡେଭଲପମେଣ୍ଟ ଷ୍ଟଡିଜ୍, ଭୁବନେଶ୍ୱର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)
ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୧୬୦ /ତା: ୦୩.୧୧.୨୦୨୪

ଏହାର ଏକକିତା ନକଲ ଜମି ଅଧିକାରୀ, ଇଡକୋ, ଭୁବନେଶ୍ୱରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ SDPO, Brajrajnagar ଓ ଥାନା ଭାରପ୍ରାପ୍ତ ଅଧିକାରୀ, ଲଖନପୁର ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଏବଂ ଜନଶୁଣାଣୀ ସଭାରେ ଉପସ୍ଥିତ ରହି ସଭାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ପାଇଁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)
ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୧୬୧ /ତା: ୦୩.୧୧.୨୦୨୪

ଏହାର ଏକକିତା ନକଲ ସହିତ ପ୍ରାରୂପି ସାମାଜିକ ପ୍ରଭାବ ଆକଳନ ବିବରଣୀ (Draft SIA Report) DeGM, NIC, Jharsuguda ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । DeGM, NIC, Jharsuguda ଙ୍କୁ ଝାରସୁଗୁଡା ଜିଲ୍ଲାର ୱେବସାଇଟରେ ଜନସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାରଣ ନିମନ୍ତେ Upload କରିବା ପାଇଁ ମଧ୍ୟ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)
ଝାରସୁଗୁଡ଼ା

ଜ୍ଞାପକ ସଂଖ୍ୟା: ୧୬୨ /ତା: ୦୩.୧୧.୨୦୨୪

ଏହାର ଏକକିତା ନକଲ ସହିତ ପ୍ରାରୂପି ସାମାଜିକ ପ୍ରଭାବ ଆକଳନ ବିବରଣୀ (Draft SIA Report) ଅତିରିକ୍ତ ଶାସନ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ,ଓଡ଼ିଶା, ଭୁବନେଶ୍ୱର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଓ ରାଜ୍ୟର ବିଭାଗୀୟ ୱେବସାଇଟରେ ଜନସାଧାରଣଙ୍କ ଅବଗତି ଓ ବହୁଳ ପ୍ରସାରଣ ନିମନ୍ତେ Upload କରିବା ପାଇଁ ମଧ୍ୟ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ, (ରାଜସ୍ୱ)
ଝାରସୁଗୁଡ଼ା